# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**18 June - 2024**

**News Editor : Tapan Kumar Maharana**

********************************

## ମୁଖ୍ୟ ସମ୍ବାଦ

- ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୧୭ତମ କିସ୍ତି ଆଜି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

— ରାଜ୍ୟର ବିଭିନ୍ନ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ

- ଯୋଗ ଏବଂ ମିଲେଟ୍ସ ବିଷୟରେ ସଚେତନତା ବୃଦ୍ଧି ସହ ଏକ ସୁସ୍ଥ ସମାଜ ଗଠନର ନେତୃତ୍ୱ ନେବାକୁ ଗ୍ରାମ ପଞ୍ଚାୟତ ମୁଖ୍ୟଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

- ସପ୍ତଦଶ ବିଧାନସଭାର ନବନିର୍ବାଚିତ ସଦସ୍ୟଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଜାରି; ଆସନ୍ତା ଗୁରୁବାର ଦିନ ହେବ ବାଚସ୍ପତି ନିର୍ବାଚନ

ଏବଂ

- ରାଜ୍ୟର ତିନୋଟି ଜିଲ୍ଲାରେ ଡିପ୍‌ଥେରିଆ ସଂକ୍ରମଣରେ ୫ଜଣଙ୍କର ମୃତ୍ୟୁ

— ରାୟଗଡ଼ା ଜିଲ୍ଲା କାଶୀପୁର ଅଞ୍ଚଳରେ ଆସନ୍ତାକାଲିଠୁ ପ୍ରଦାନ କରାଯିବ ବୁଷ୍ଟର ଡୋଜ୍ ଟୀକା

*Desk*

# ପିଏମ୍ କିଷାନ ସମ୍ମାନନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପି.ଏମ୍. କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତି ପ୍ରଦାନ କରିବେ । ଉତ୍ତରପ୍ରଦେଶର ବାରଣାସୀରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ ୯ କୋଟି ୨୬ ଲକ୍ଷ କୃଷକ ପରିବାରକୁ ୨୦ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୩୦ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ କୃଷି ସଖୀ ପ୍ରମାଣପତ୍ର ପ୍ରଦାନ କରିବେ।

ସୂଚନାଯୋଗ୍ୟ, ୨୦୧୯ ମସିହା ଫେବୃଆରୀ ୨୪ ତାରିଖ ପିଏମ୍ କିଷାନ ସମ୍ମାନନିଧି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ୪ ମାସରେ ଥରେ ୨ ହଜାର ଟଙ୍କା ଲେଖାଏଁ ବର୍ଷକୁ ମୋଟ୍ ୬ ହଜାର ଟଙ୍କା ପ୍ରତ୍ୟେକ ଚାଷୀ ହିତାଧିକାରୀଙ୍କୁ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଏ। ଏ ପର୍ଯ୍ୟନ୍ତ ୧୧ କୋଟିରୁ ଅଧିକ କୃଷକ ହିତାଧିକାରୀ ଏହି ଯୋଜନା ମାଧ୍ୟମରେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ପାଇସାରିଛନ୍ତି।

ରାଜ୍ୟର ଆଜି ବିଭିନ୍ନ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକରେ ପିଏମ୍ କିଷାନ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅପରାହ୍ନ ସାଢ଼େ ୪ଟାରୁ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବରଗଡ଼ ଜିଲ୍ଲାରେ ଚାଷୀଙ୍କୁ ଏହି ସହାୟତା ରାଶି ବଣ୍ଟନ କରିବେ। ସେହିଭଳି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ବିଭିନ୍ନ ଜିଲ୍ଲାରେ ଉପସ୍ଥିତ ରହି ହିତାଧିକାରୀଙ୍କୁ ଏହି ଲାଭାଂଶ ଅର୍ଥ ପ୍ରଦାନ କରିବେ।

***Desk***

## ପ୍ରଧାନମନ୍ତ୍ରୀ- ଯୋଗ ସଚେତନତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଏବଂ ମିଲେଟ୍ସ ବିଷୟରେ ସଚେତନତା ସୃଷ୍ଟି କରି ଏକ ସୁସ୍ଥ ସମାଜ ଗଠନ କରିବାରେ ନେତୃତ୍ୱ ନେବାକୁ ଗ୍ରାମ ପଞ୍ଚାୟତ ମୁଖ୍ୟଙ୍କୁ ଆହ୍ୱାନ ଦେଇଛନ୍ତି। ଗ୍ରାମ ପ୍ରଧାନମାନଙ୍କୁ ଚିଠି ଲେଖି ପ୍ରଧାନମନ୍ତ୍ରୀ ପଞ୍ଚାୟତ ପରିସର, ବିଦ୍ୟାଳୟ, ଅଙ୍ଗନବାଡ଼ି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଅନ୍ୟାନ୍ୟ ସ୍ଥାନରେ ଯୋଗଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଏହାଦ୍ୱାରା ସାଧାରଣ ଜନତା ବିଶେଷ କରି ଯୁବବର୍ଗ ସ୍ଥାୟୀ ଏବଂ ଚାପମୁକ୍ତ ଜୀବନଶୈଳୀ ଅନୁସରଣ କରିବାକୁ ପ୍ରେରିତ ହେବେ।

***BBSR***

## ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ନବନିର୍ବାଚିତ ସଦସ୍ୟଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଜାରି ରହିଛି । ଆଜି ଏବଂ ଆସନ୍ତାକାଲି ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସଦସ୍ୟଙ୍କୁ ଶପଥ ପାଠ କରାଉଛନ୍ତି । ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶପଥ ନେଇଥିଲେ । ଏହାପରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଶପଥ ନେଇଥିଲେ । ସେହିପରି ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ରବି ନାୟକ, ସୂର୍ଯ୍ୟବଂଶୀ ସୁରଜ, ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ମୁକେଶ ମହାଲିଙ୍ଗଙ୍କ ସମେତ ଶାସକ ବିଜେପି ଦଳର ବହୁ ସଦସ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କଂଗ୍ରେସର ତାରାପ୍ରସାଦ ବାହିନୀପତି ପ୍ରମୁଖ ଶପଥ ନେଇଛନ୍ତି । ଆସନ୍ତାକାଲି ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ ।

ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବିଧାନସଭାର ଏହି ସ୍ୱତନ୍ତ୍ର ଅଧିବେଶନରେ ଆସନ୍ତା ୨୦ ତାରିଖ ଦିନ ବାଚସ୍ପତି ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ । ଆସନ୍ତାକାଲି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବାଚସ୍ପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ ସମୟସୀମା ଧାର୍ଯ୍ୟ କରାଯାଇଛି । ଆବଶ୍ୟକସ୍ଥଳେ ୨୦ ତାରିଖ ଦିନ ନିର୍ବାଚନ ଅନୁଷ୍ଠିତ ହେବ ।

*Dhenkanal*

## ଢେଙ୍କାନାଳ– ପର୍ଯ୍ୟଟନସ୍ଥଳୀ ବିକାଶ

ଢେଙ୍କାନାଳ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଢେଙ୍କାନାଳଠାରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ଲାଗି ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟରେ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି...

**- V/O –**

***HS***

## ଡିପ୍‌ଥେରିଆ ସଂକ୍ରମଣ

ରାଜ୍ୟର ତିନୋଟି ଜିଲ୍ଲାରେ ୨୧ ଜଣ ଡିପ୍‌ଥେରିଆ ରୋଗରେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏହି ଜିଲ୍ଲାଗୁଡ଼ିକ ହେଉଛି ରାୟଗଡ଼ା, କୋରାପୁଟ ଏବଂ କଳାହାଣ୍ଡି। ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ରଙ୍କଠୁ ମିଳିଥିବା ସୂଚନା ଅନୁଯାୟୀ, ଏହି ରୋଗରେ ଏ ପର୍ଯ୍ୟନ୍ତ ୫ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଆକ୍ରାନ୍ତଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ସେ କହିଛନ୍ତି। ରାୟଗଡ଼ାରୁ ୧୫ ଜଣ ଚିହ୍ନଟ ହୋଇଥିବାବେଳେ କୋରାପୁଟର ବନ୍ଧୁଗାଁରୁ ଜଣେ ଏବଂ କଳାହାଣ୍ଡିରୁ ପ୍ରାୟ ୫ ଜଣ ସନ୍ଦିଗ୍ଧ

ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ଶ୍ରୀ ମିଶ୍ର କହିଛନ୍ତି ।

ସେ କହିଛନ୍ତି...

**- V/O -**

ବାୟୁ ଦ୍ୱାରା ସଂକ୍ରମିତ ହେଉଥିବା ଏହି ରୋଗକୁ ମୁକାବିଲା କରିବା ଲାଗି ପ୍ରଭାବିତ ଅଞ୍ଚଳର ଲୋକମାନେ ମାସ୍କ ପିନ୍ଧିବା ସହ ହାତ ଧୋଇବା ଭଳି ନିୟମକୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି ।

ରାୟଗଡ଼ା ଜିଲ୍ଲାରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ଅଧିକ ପ୍ରଭାବିତ କାଶୀପୁର ଅଞ୍ଚଳରେ ବୁଷ୍ଟର ଡୋଜ୍ ଟୀକା ପ୍ରଦାନ କରାଯିବ । ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ସଂଯୁକ୍ତା ସାହୁ କହିଛନ୍ତି, ସେହି ଅଞ୍ଚଳରେ ନିରୀକ୍ଷଣ ଚାଲିଛି ।

ଗଜପତି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରେ ଆଗକୁ ଏହିଭଳି ନିରୀକ୍ଷଣ କାର୍ଯ୍ୟ କରାଯିବ ବୋଲି ଡାକ୍ତର ସାହୁ ସୂଚନା ଦେଇଛନ୍ତି ।

**Balasore**

# କର୍ଫ୍ୟୁ

ବାଲେଶ୍ୱର ପୌରାଞ୍ଚଳରେ କର୍ଫ୍ୟୁ ବଳବତ୍ତର ରହିଛି। ଘରୁ ନ ବାହାରିବାକୁ ଜନସାଧାରଣଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ, କାର୍ଯ୍ୟାଳୟ ଏବଂ ହାଟବଜାର ବନ୍ଦ ରହିଛି। ଗୋଷ୍ଠୀ ସଂଘର୍ଷ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଗତ ରାତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି କରାଯାଇଥିଲା। ଆଜି ରାତି ୧୨ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିଛି । ଗତକାଲିର ଗୋଷ୍ଠୀ ସଂଘର୍ଷ ଫଳରେ ୭ଟି ମାମଲା ରୁଜୁ କରାଯାଇଥିବା ବେଳେ ୩୪ ଜଣଙ୍କୁ ଅଟକ ରଖାଯାଇଛି ବୋଲି ପୁଲିସ କହିଛି। ତେବେ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ପ୍ରଶାସନ ସୂଚନା ଦେଇଛି।

***Rayagada***

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ

ରାୟଗଡ଼ା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ବର୍ଷା ଦିନରେ ସମ୍ଭାବ୍ୟ ବନ୍ୟା ଏବଂ ବାତ୍ୟାର ମୁକାବିଲା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ ରିଲିଫ କମିଶନରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପର୍ଯ୍ୟବେକ୍ଷକ ଗୋପୀନାଥ ସାରକାଙ୍କ

ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

***Keonjhar***

## କେନ୍ଦୁଝର-ଜଳଯୋଗାଣ

କେନ୍ଦୁଝର ସହରରେ ପାନୀୟ ଜଳ ଯୋଗାଣକୁ ସୁସଂହତ କରିବା ଲକ୍ଷ୍ୟରେ ୱାଟ୍‌କୋ ପକ୍ଷରୁ ଅଧିକ ପାଣି ଟ୍ୟାଙ୍କରକୁ ନିୟୋଜିତ କରାଯାଇଛି । ପୂର୍ବରୁ ୧୩ଟି ଟ୍ୟାଙ୍କର ଯୋଗେ ସହରରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା । କେନ୍ଦୁଝର ସହର ନିକଟସ୍ଥ ବଡ଼ଘାଘରା ଜଳଭଣ୍ଡାର ଏବଂ କାନଝରି ଡ୍ୟାମର ଜଳ ପରିମାଣ ହ୍ରାସ ପାଇବାରୁ ସହରର ୧୦ଟି ୱାର୍ଡରେ ଜଳସମସ୍ୟା ଦେଖାଦେଇଛି । ଲୋକଙ୍କର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ୩୦ଟି ଟ୍ୟାଙ୍କର ଯୋଗେ ଜଳଯୋଗାଣ ଅବ୍ୟାହତ ରହିବ ବୋଲି ୱାଟ୍‌କୋ ପକ୍ଷରୁ କୁହାଯାଇଛି ।

***Puri***

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିବାହ

ପୁରୀ ଶ୍ରୀମନ୍ଦିରରେ ଆଜି ରୁକ୍ମିଣୀ ହରଣ ଏକାଦଶୀ ଅବସରରେ ମହାପ୍ରଭୁଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ । ଭୋଗମଣ୍ଡପ ନୀତି ଶେଷ ହେବା ପରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ମଦନମୋହନ ଜୟବିଜୟ ଦ୍ୱାରକୁ ବିଜେ କରିବେ । ସେହିଭଳି ପୂଜାପଣ୍ଡା ସାମନ୍ତ ଶ୍ରୀ

ଦେବୀ ରୁକ୍ମିଣୀଙ୍କୁ ୭ ପାହାଚରେ ଥିବା ପାଲିଙ୍କିରେ ବିଜେ କରାଇବେ। ଅନ୍ୟାନ୍ୟ ନୀତିକାନ୍ତି ପରେ ଏବଂ ସନ୍ଧ୍ୟାଧୂପ ପରେ ମହାପ୍ରଭୁଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଠାକୁରଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି।

***Ganjam***

## ପୋଲକାଶୁଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ଆସିକା ସହରସ୍ଥିତ ମା' ପୋଲକାଶୁଣୀ ଠାକୁରାଣୀ ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ସକାଳେ ଜଳଯାତ୍ରା କରାଯାଇ ଠାକୁରାଣୀଙ୍କ ପୂଜା ଆରମ୍ଭ ହୋଇଥିଲା। ପ୍ରତି ତିନି ବର୍ଷରେ ଥରେ ଏହି ଯାତ୍ରା ୧୨ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଆସିକା ଲାଲ ଗୋର୍ଜିଛକ ଓଡ଼ିଆ ସାହିରେ ଅସ୍ଥାୟୀ ମଣ୍ଡପରେ ଆଜି ସପ୍ତଠାକୁରାଣୀ ବିଜେ କରିବେ। ସେଠାରେ ଶ୍ରଦ୍ଧାଳୁଙ୍କର ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

**********************************